# କମ୍ପାନୀ ବିକୁଛି ହାଇବ୍ରିଡ୍ ଧାନ ବିହନ; ଚେଇଁ ଶୋଇଛି ବିଭାଗ

ବ୍ରହ୍ମପୁର,୨୧।୬(ସମିସ)

ଖରିଫ ଋତୁ ଆସିଲେ ଚାଷୀଙ୍କ ବ୍ୟସ୍ତତା ବଢ଼ିଯାଏ। ବର୍ଷାର ଆଗମନ ସହିତ ଧାନ ତଳି ପକାଇବା ଓ ଜମି ପ୍ରସ୍ତୁତି କାମ ଆରମ୍ଭ ହୋଇଯାଏ। କିନ୍ତୁ ଏହି ସମୟରେ ଚାଷୀଙ୍କ ସମ୍ମୁଖରେ ସବୁଠାରୁ ବଡ଼ ପ୍ରଶ୍ନ କେଉଁ ବିହନ ପକାଯିବ। ଦେଶୀ ବିହନ ନା ହାଇବ୍ରିଡ଼ ବିହନ। ଏହି ପ୍ରଶ୍ନ କୃଷିର ଭବିଷ୍ୟତ, ମାଟିର ସ୍ୱାସ୍ଥ୍ୟ ଓ ଚାଷୀଙ୍କ ସ୍ୱାବଲମ୍ବନ ସହ ମଧ୍ୟ ଜଡ଼ିତ। ଯାହା ଗଞ୍ଜାମ ଜିଲ୍ଲାର ଚାଷୀଙ୍କ ମନରେ ଏବେ ଉଙ୍କି ମାରିବାରେ ଲାଗିଛି। ଏକ ସମୟ ଥିଲା, ଯେତେବେଳେ ଆମ ପୂର୍ବପୁରୁଷମାନେ ନିଜେ ନିଜ ବିହନ ସଂରକ୍ଷଣ କରୁଥିଲେ। ଫସଲ ଅମଳ ପରେ ଭଲ ଶସ୍ୟକୁ ବାଛି ଆଗାମୀ ବର୍ଷ ପାଇଁ ବିହନ ଭାବେ ରଖୁଥିଲେ। ଏହି ପରମ୍ପରା ଶହ ଶହ ବର୍ଷ ଧରି ଚାଲିଆସିଥିଲା। ଫଳରେ ଚାଷୀ ବିହନ ପାଇଁ କାହା ଉପରେ ନିର୍ଭରଶୀଳ ନଥିଲେ। କିନ୍ତୁ ସମୟ ବଦଳିବା ସହିତ କୃଷି କ୍ଷେତ୍ରରେ ମଧ୍ୟ ବଡ଼ ପରିବର୍ତ୍ତନ ଆସିଛି। ଆଜି ଦେଶୀ ବିହନ ଧୀରେ ଧୀରେ ହଜି ଯାଉଥିବା ବେଳେ ହାଇବ୍ରିଡ଼ ଓ କମ୍ପାନୀ ପ୍ରସ୍ତୁତ ବିହନର ଚାହିଦା ବଢ଼ିଚାଲିଛି। ଅଧିକ ଅମଳର ଆଶାରେ ଅଧିକାଂଶ ଚାଷୀ ବର୍ତ୍ତମାନ ହାଇବ୍ରିଡ଼ ବିହନ ଆଡ଼କୁ ଢଳିଲେଣି। ବିଭିନ୍ନ ବେସରକାରୀ କମ୍ପାନୀ ଡିଲରଙ୍କ ମାଧ୍ୟମରେ ଗାଁ ଗାଁରେ ବିହନ ପହଞ୍ଚାଉଛନ୍ତି। ଆକର୍ଷଣୀୟ ପ୍ରଚାର ଓ ଅଧିକ ଉତ୍ପାଦନର ପ୍ରତିଶ୍ରୁତି ଚାଷୀଙ୍କୁ ପ୍ରଭାବିତ କରୁଛି। ଫଳରେ ଚାଷୀ ନିଜର ପାରମ୍ପରିକ ବିହନ ବ୍ୟବସ୍ଥାକୁ ଭୁଲି ବଜାର ଉପରେ ନିର୍ଭରଶୀଳ ହେଉଛନ୍ତି। ତେବେ ଅନେକ ଅଭିଜ୍ଞ ଚାଷୀ ଓ କୃଷକ ସଂଗଠନ ଏହି ପ୍ରବୃତ୍ତିକୁ ନେଇ ଚିନ୍ତା ପ୍ରକାଶ କରୁଛନ୍ତି। ସେମାନଙ୍କ ମତରେ, ହାଇବ୍ରିଡ଼ ବିହନ ଅଧିକ ଅମଳ ଦେଇପାରେ ସତ, କିନ୍ତୁ ଏହା ପାଇଁ ଅଧିକ ପାଣି, ଅଧିକ ରାସାୟନିକ ସାର ଓ ଅଧିକ କୀଟନାଶକ ଆବଶ୍ୟକ ହୁଏ। ବର୍ଷାର ଅନିଶ୍ଚିତତା ଓ ଜଳ ସଙ୍କଟ ବଢ଼ୁଥିବା ବେଳେ ଏଭଳି ବିହନ ଚାଷୀଙ୍କ ପାଇଁ ବିପଦ ଡାକି ଆଣିପାରେ। ଅଧିକ ରାସାୟନିକ ବ୍ୟବହାର ମାଟିର ଉର୍ବରତାକୁ ମଧ୍ୟ କ୍ଷତିଗ୍ରସ୍ତ କରୁଥିବା ଅଭିଯୋଗ ରହିଛି।

ଚାଷୀନେତାମାନେ କହୁଛନ୍ତି, ଅଧିକ ଅମଳର ଲୋଭରେ ଚାଷୀ ଏବେ କମ୍ପାନୀ ବିହନ ପଛରେ ଧାଉଛନ୍ତି। ରାମାୟଣର ସ୍ୱର୍ଣ୍ଣ ହରିଣ ପରି ଏହି ଆକର୍ଷଣ ଚାଷୀଙ୍କୁ ନୂଆ ସମସ୍ୟା ଆଡ଼କୁ ନେଉଛି। ପ୍ରତିବର୍ଷ ନୂଆ ବିହନ କିଣିବାକୁ ପଡୁଥିବାରୁ ଚାଷୀଙ୍କ ବିହନ ସ୍ୱାଧୀନତା ହ୍ରାସ ପାଉଛି। ଆଗାମୀ ଦିନରେ ଯଦି ଦେଶୀ ବିହନ ସମ୍ପୂର୍ଣ୍ଣ ହଜିଯାଏ, ତେବେ କୃଷି କ୍ଷେତ୍ର ସମ୍ପୂର୍ଣ୍ଣ ଭାବେ କମ୍ପାନୀ ଉପରେ ନିର୍ଭରଶୀଳ ହୋଇପାରେ। ଅନ୍ୟପକ୍ଷରେ ଚାଷୀଙ୍କୁ ଗୁଣାତ୍ମକ ବିହନ ଯୋଗାଇବା ପାଇଁ ସରକାର ଓ ବିହନ ନିଗମ ମଧ୍ୟ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ସୂଚନା ଅନୁସାରେ ସରକାରୀ ଓ ବେସରକାରୀ ସ୍ତରରେ ୯୨ରୁ ଅଧିକ ପ୍ରକାରର ଉନ୍ନତ ଧାନ ବିହନ ଉପଲବ୍ଧ ରହିଛି। କିନ୍ତୁ ଚାଷୀଙ୍କ ଅଭିଯୋଗ ହେଉଛି, ସେମାନଙ୍କ ପାଖକୁ ସୀମିତ କେତେକ ପ୍ରଜାତି ଯଥା ପୂଜା, ମଶୁରୀ, ୧୦୦୧, ୧୦୦୯ ଓ ୧୦୬୧ ପ୍ରମୁଖ ବିହନ ହିଁ ଅଧିକ ପରିମାଣରେ ପହଞ୍ଚୁଛି। ବିଭିନ୍ନ ପ୍ରଜାତିର ବିହନ ଉପଲବ୍ଧ ନ ହେବାରୁ ଅନେକ ଚାଷୀ ବାଧ୍ୟ ହୋଇ ବେସରକାରୀ କମ୍ପାନୀ ବିହନ କିଣୁଛନ୍ତି। ଏଠାରେ ଆଉ ଏକ ବଡ଼ ସମସ୍ୟା ହେଉଛି ସଚେତନତାର ଅଭାବ। କୃଷି ବିଭାଗ ଓ କୃଷି କର୍ମଚାରୀମାନେ ସରକାରୀ ବିହନ ଓ ବେସରକାରୀ ବିହନ ମଧ୍ୟରେ ଥିବା ପାର୍ଥକ୍ୟ, ସରକାରୀ ସହାୟତା ଏବଂ ପ୍ରମାଣିତ ବିହନର ସୁବିଧା ସମ୍ପର୍କରେ ଚାଷୀଙ୍କୁ ପର୍ଯ୍ୟାପ୍ତ ସୂଚନା ଦେଉନଥିବା ଅଭିଯୋଗ ହୋଇଛି। ଫଳରେ ବିଜ୍ଞାପନ ଓ ବଜାର ପ୍ରଚାର ଉପରେ ଭରସା କରି ଚାଷୀ ନିଷ୍ପତ୍ତି ନେଉଛନ୍ତି। ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ମତରେ, ସରକାର ସମସ୍ତ ପ୍ରମାଣିତ ବିହନକୁ ଚାଷୀଙ୍କ ନିକଟରେ ପହଞ୍ଚାଇବା ସହ ପ୍ରତ୍ୟେକ ପଞ୍ଚାୟତରେ ପ୍ରଦର୍ଶନୀ କ୍ଷେତ୍ର ସ୍ଥାପନ କରିବା ଆବଶ୍ୟକ। ଏହାଦ୍ୱାରା ଚାଷୀମାନେ ନିଜ ଅଞ୍ଚଳର ପରିବେଶ ଓ ମାଟି ଅନୁଯାୟୀ କେଉଁ ବିହନ ଉପଯୁକ୍ତ ତାହା ଜାଣିପାରିବେ।

ସେହିପରି ଦେଶୀ ବିହନ ସଂରକ୍ଷଣ ପାଇଁ ଗ୍ରାମ ସ୍ତରରେ ବିହନ ବ୍ୟାଙ୍କ ଗଠନ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଦରକାର। ଅଧିକ ଅମଳର ଲୋଭରେ ଚାଷୀ ବିହନ ବାଛିବା ଠିକ୍ ନୁହେଁ। ଜଳ ଉପଲବ୍ଧତା, ମାଟିର ସ୍ୱାସ୍ଥ୍ୟ, ଚାଷ ଖର୍ଚ୍ଚ, ରୋଗ ପ୍ରତିରୋଧ କ୍ଷମତା ଓ ବଜାର ଚାହିଦାକୁ ଧ୍ୟାନରେ ରଖି ବିହନ ଚୟନ କରିବା ଆବଶ୍ୟକ। କୃଷିର ସ୍ଥାୟୀ ବିକାଶ ପାଇଁ ଚାଷୀଙ୍କ ବିହନରେ ସ୍ୱାବଲମ୍ବନ ଫେରାଇ ଆଣିବା ବି ଆବଶ୍ୟକତା ରହିଛି। ନଚେତ୍ ଆଗାମୀ ଦିନରେ ଚାଷୀ ନିଜ ଜମିର ମାଲିକ ହୋଇ ମଧ୍ୟ ବିହନ ପାଇଁ ବଜାର ଦ୍ୱାରରେ ନିର୍ଭରଶୀଳ ହୋଇ ରହିବେ ବୋଲି ଅଭିଜ୍ଞଚାଷୀମାନେ ମତ ପ୍ରକାଶ କରିଛନ୍ତି।

## ନାବାଳିକାଙ୍କ ଅପହରଣ; ଯୁବକ ଗିରଫ

ବ୍ରହ୍ମପୁର,୨୧।୬(ସମିସ): ଟାଉନ ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ବେଲଗୁଣ୍ଠା ଥାନା ଅଧିନ ଭଞ୍ଜ ନଗରର ଜଗନ୍ନାଥ ରଣା (୨୫) । ସୂଚନାଯୋଗ୍ୟ ଯେ, ଜଣେ ନାବାଳିକା ନିଖୋଜ ଥିବା ନେଇ ତାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ । ନାବାଳିକାଙ୍କ ତାଙ୍କ ପତ୍ତା ନମିଳିବାରୁ ନିକଟରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ନାବାଳିକା ଜଣଙ୍କ ଭଞ୍ଜ ନଗରର ଜଗନ୍ନାଥ ରଣାଙ୍କ ନିକଟରେ ଥିବା ଜାଣିବା ପରେ ଏକ ପୁଲିସ ଟିମ ସେଠାକୁ ଯାଇ ନାବାଳିକାଙ୍କୁ ତାଙ୍କ ନିକଟରୁ ଉଦ୍ଧାର କରିବା ସହ ତାଙ୍କ ଅପହରଣ କରି ନେଇଥିବା ଅଭିଯୁକ୍ତ ଜଗନ୍ନାଥଙ୍କୁ କାବୁ କରାଯାଇଥିଲା। ପୁଲିସ ଉଭୟଙ୍କ ଡାକ୍ତରୀମାଇନା କରିଥିବା ବେଳେ ପିଡିତାଙ୍କ ବୟାନ ରେକର୍ଡ କରିଥିବା ସୂଚନା ମିଳିଛି। ଆଜି ଅଭିଯୁକ୍ତ ଜଗନ୍ନାଥକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ

# ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶର ଶ୍ରେଷ୍ଠ ମାଧ୍ୟମ ଯୋଗ

ବ୍ରହ୍ମପୁର,୨୧।୬(ସମିସ)




ସହରର ବିଭିନ୍ନ ସ୍ଥାନରେ ବହୁ ଅନୁଷ୍ଠାନ ପକ୍ଷରୁ ରବିବାର ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମନୁଷ୍ୟ ଜୀବନରେ ଯୋଗର ମହତ୍ୱ ଓ ଆବଶ୍ୟକତା ସମ୍ପର୍କରେ ବିଭିନ୍ନ ଯୋଗ ଗୁରୁମାନେ ଉପସ୍ଥିତ ବ୍ୟକ୍ତିଙ୍କୁ ଆଲୋକପାତ କରିଥିବା ସହ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ସେହିପରି ଗୋଷାଇ ନୂଆଗାଁସ୍ଥିତ କେସି ହାଇସ୍କୁଲ ଖେଳ ପଡ଼ିଆରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ) ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ସାମନ୍ତରାୟ ଏକାଡେମୀର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ଓ ମୁଖ୍ୟ ବକ୍ତା ଭାବେ ଆରଏସଏସ ଉତ୍କଳ(ପୂର୍ବ) ପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ ମାଝୀ ଉପସ୍ଥିତ ଥିଲେ। ଦୈନିକ ଯୋଗାଭ୍ୟାସ ଦ୍ୱାରା ବର୍ତ୍ତମାନର ବିଶୃଙ୍ଖଳିତ ଜୀବନଶୈଳୀକୁ ସୁଧାରିବା, ଶରୀରକୁ ସୁସ୍ଥ ରଖିବା, ଫିଟ୍ ଇଣ୍ଡିଆ ଗଠନ ଉପରେ ଦୁହେଁ ଗୁରୁତ୍ୱାରୋପ କରିଥିଲେ। ବୀର ହନୁମାନ ପ୍ରଭାତ ଶାଖା, ସ୍ୱୟଂସେବକ, ସାମନ୍ତରାୟ ଏକାଡେମୀ ଓ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଯୋଗ ଦେଇ ତାଡାସନ, ପାଦ ହସ୍ତାସନ, ଅର୍ଦ୍ଧ ଚକ୍ରାସନ ଓ ତ୍ରିକୋଣାସନ, ବସି ରହି ଭଦ୍ରାସନ, ବଜ୍ରାସନ, ଅର୍ଦ୍ଧ ଉଷ୍ଟ୍ରାସନ ଓ ଶଶକାସନ ଏବଂ ଶୟନ ଅବସ୍ଥାରେ ମକରାସନ, ଭୁଜଙ୍ଗାସନ ଓ ଶବାସନ କରାଯାଇଥିଲା। ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ପଣ୍ଡା ଯୋଗାସନର ପ୍ରକ୍ରିୟା ଓ ଉପାଦେୟତା ବର୍ଣ୍ଣନା କରିଥିବା ବେଳେ ପ୍ରହ୍ଲାଦ ପାଣିଗ୍ରାହୀ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପିଣ୍ଟୁ ସାହୁ, ଦଣ୍ଡପାଣି ଦୋରା ଓ ପ୍ରବୀଣ କୁମାର ମଞ୍ଚ ଉପରୁ ଯୋଗ ପ୍ରଦର୍ଶନ କରିଥିଲେ। ପ୍ରଶାନ୍ତ ସାହୁ, ରବି ବେହେରା, ଏନ୍.ଲିଙ୍ଗରାଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଗାନ୍ଧୀନଗର ସ୍ଥିତ ଯୋଗଧାମ ପିଠରେ ଯୋଗଗୁରୁ ସ୍ୱାମୀ କୃଷ୍ଣ ଗୋପାଳ ଦାଶଙ୍କ ଅଧ୍ୟକ୍ଷତାରେ ଉକ୍ତ ଦିବସ ପାଳନ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତି ଅର୍ଜନ କରିଥିବା ବହୁ ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ସେହିପରି ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଓ ବିବେକାନନ୍ଦ କେନ୍ଦ୍ର ବ୍ରହ୍ମପୁର ଶାଖାର ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ସମ୍ମାନିତ ଅତିଥି ଭାବେ ବିଏମସି କମିଶନର ଏ. ସସ୍ୟ ରେଡ୍ଡୀ ଉପସ୍ଥିତ ରହିଥିଲେ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶର ଏକ ଶ୍ରେଷ୍ଠ ମାଧ୍ୟମ ଯୋଗ ହୋଇଥିବା ବେଳେ ନିୟମିତ ଯୋଗାଭ୍ୟାସ ମାଧ୍ୟମରେ ସୁସ୍ଥ ଶରୀର, ଶାନ୍ତ ମନ ଓ ସୁସଂଗଠିତ ସମାଜ ଗଠନ ସମ୍ଭବ ବୋଲି ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏ ଅବସରରେ ସହରର ବିଭିନ୍ନ ସାମାଜିକ, ଶିକ୍ଷାନୁଷ୍ଠାନ, ଯୋଗ ସଂଗଠନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ ବ୍ୟକ୍ତି ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ସେହିପରି ସ୍ଥାନୀୟ ଲାଞ୍ଜିପଲ୍ଲୀ ସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରରେ ପକ୍ଷରୁ ସଭାପତି ବିଶ୍ୱନାଥ ପାଢ଼ୀଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଯୋଗଗୁରୁ ବିଭୂତି ଭୂଷଣ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଯୋଗ ସାଧକ ପ୍ରମୋଦ କୁମାର ମିଶ୍ର ବିଭିନ୍ନ ଯୋଗାସନମାନ ପ୍ରଦର୍ଶିତ କରାଇଥିଲେ। କାର୍ଯ୍ୟକ୍ରମରେ ବ୍ୟାୟାମ ଗୁରୁ ଶିବରାମ ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ମହାନ୍ତି, ଜଗନ୍ନାଥ ଦାସ, ଇଂ. ବିନୋଦ କୁମାର ପାଣିଗ୍ରାହୀ, ଚିତ୍ତ ରଞ୍ଜନ ସାହୁ, ମୁରଲୀଧର ବେହେରା, ଲାବଣ୍ୟ ବେହେରା, ରବୀନ୍ଦ୍ରନାଥ ସାହୁ ଓ ଟି. ସୁବାସ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

## କଡା ସୁରକ୍ଷାରେ ଶେଷ ହେଲା ପୁନଃ ନିଟ୍ ପରୀକ୍ଷା

ବ୍ରହ୍ମପୁର,୨୧।୬(ସମିସ): ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ପରିଚାଳିତ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା(ନିଟ୍) ରବିବାର ଶେଷ ହୋଇଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ୧୧ଟି ପରୀକ୍ଷା କେନ୍ଦ୍ରର ରହିଥିବା ବେଳେ ୫ହଜାରରୁ ଅଧିକ ପରୀକ୍ଷାର୍ଥୀ ନିଟ୍ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ଓ ଆଇନଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା। ରବିବାର ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିବା ବେଳେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ପାଇଁ ସନ୍ଧ୍ୟା ୬ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଅତିରିକ୍ତ ସମୟ ପ୍ରଦାନ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ବ୍ରହ୍ମପୁର ପୁଲିସ ପକ୍ଷରୁ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଜଣେ ଲେଖାଏଁ ଉପ-ନିରୀକ୍ଷକଙ୍କୁ ଟିମ୍ ଲିଡର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ସହ କନଷ୍ଟେବଲ ଓ ହୋମଗାର୍ଡ ମୁତୟନ କରାଯାଇଥିଲା। ପରୀକ୍ଷାର୍ଥୀଙ୍କ ଯାଞ୍ଚ, ପ୍ରବେଶ ନିୟନ୍ତ୍ରଣ, ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ସହ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ସମନ୍ୱି ରହିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ପରୀକ୍ଷା ପୂର୍ବରୁ ଗତ ଶନିବାର ସମସ୍ତ କେନ୍ଦ୍ରରେ ମକ୍ ଡ୍ରିଲ୍ ଓ ସୁରକ୍ଷା ଯାଞ୍ଚ କରାଯାଇଥିଲା। ପରୀକ୍ଷା କେନ୍ଦ୍ର ଆଖପାଖରେ ଯାତାୟାତ ଓ ପାର୍କିଂ ବ୍ୟବସ୍ଥା ସୁଚାରୁ ରଖିବା ସହ ପରୀକ୍ଷାର୍ଥୀ ଓ କର୍ମଚାରୀଙ୍କ ଯାତାୟାତରେ କୌଣସି ବାଧା ନ ସୃଷ୍ଟି ହେବାକୁ ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଥିଲା। ପୁଲିସ ପକ୍ଷରୁ ପରୀକ୍ଷା କେନ୍ଦ୍ରଗୁଡ଼ିକ ଆଖପାଖରେ ମୋବାଇଲ୍ ପାଟ୍ରୋଲିଂ କରାଯାଇଥିଲା। ସପରୀକ୍ଷାର୍ଥୀଙ୍କୁ ନେବା ଆଣିବା ପାଇଁ ମାଗଣା ବସ୍ ସେବାର ବ୍ୟବସ୍ଥା ହୋଇଥିଲା। ସେବାରେ ୪୮ଟି ବସ୍ ଛତ୍ରପୁର ବସଷ୍ଟାଣ୍ଡ, ଡୁଡୁମା କଲୋନୀ, ହଳଦିଆପଦର ଟର୍ମିନସ ଓ ବ୍ରହ୍ମପୁର ରେଳ ଟର୍ମିନସରୁ ନେବା ଆଣିବା କରିଛି।

## ଛାତ୍ରୀଙ୍କୁ ହଇରାଣ କରି ରାଣୀ ପଣ୍ଡା ଗିରଫ

ବ୍ରହ୍ମପୁର,୨୧।୬(ସମିସ): ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳରେ ଏକ କୋଚିଂ ସେଣ୍ଟର ଛାତ୍ରୀଙ୍କୁ ନିୟମିତ ପିଛା କରି ମୋବାଇଲ ନମ୍ବର ମାଗିବା ସହ ହଇରାଣ କରିବା ଅଭିଯୋଗରେ ପୁଲିସ ପୁରୁଣା ଅପରାଧୀ ରାଣୀ ପଣ୍ଡା ଓରଫ ରାଜେଶ ପାଣିଗ୍ରାହୀ(୨୬)ଙ୍କୁ ଗିରଫ



କରିଛି। ହରିଡ଼ାଖଣ୍ଡି ଶାନ୍ତିନଗର ୪ର୍ଥ ଲାଇନର ରାନି ପଣ୍ଡା ନାମରେ ପୂର୍ବରୁ ୧୩ଟି ସଙ୍ଗୀନ ଅପରାଧିକ ମାମଲା ରହିଛି । ପୁଲିସ ତାଙ୍କ ନିକଟରୁ ଏକ ବୁଲେଟ୍ ଜବତ କରିଛି । ବଡବଜାର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ପ୍ରଥମ ଲାଇନରେ ମହାପାତ୍ର କୋଚିଂ ସେଣ୍ଟରର ରହିଛି । ଆଜକୁ ୧୦ ଦିନ ହେବ ଜଣେ ଯୁବକ କୋଚିଂ ସେଣ୍ଟର ପାଖକୁ ଆସି ଛାତ୍ରୀମାନଙ୍କୁ ପିଛା କରିବା ସହ ସେମାନଙ୍କ ମୋବାଇଲ ନମ୍ବର ମାଗି ହଇରାଣ କରୁଥିବା ନେଇ କୋଚିଂ ସେଣ୍ଟରର ମାଲିକ ବୁଦ୍ଧିନାଥ ରେଡ୍ଡୀ ଗତକାଲି ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗତକାଲି ସନ୍ଧ୍ୟା ପ୍ରାୟ ୫ଟା ୩୦ ବେଳେ ଅଭିଯୁକ୍ତ ଯୁବକ ଜଣଙ୍କ କୋଚିଂ ସେଣ୍ଟରକୁ ଆସୁଥିବା ଜଣେ ଛାତ୍ରୀଙ୍କୁ ଜବରଦସ୍ତି ନମ୍ବର ମାଗି ଅସଦାଚରଣ କରିଥିବା ସେ ଜଣାଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ଅଭିଯୁକ୍ତ ରାନି ପଣ୍ଡା କିଛି ଦିନ ହେବ କୋଚିଂ ସେଣ୍ଟରର ଛାତ୍ରୀଙ୍କୁ ପିଛା କରି ହଇରାଣକ କରୁଥିବା ସ୍ପଷ୍ଟ ହେବା ପରେ ତାକୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଥିଲା। ତାଙ୍କ ନାମରେ ବ୍ରହ୍ମପୁର ସହରର ଗୋଷାଣୀନୂଆଗାଁ ଥାନା, ଗୋଳନ୍ଥରା ଥାନା, ଟାଉନ ଥାନା ଓ ବଡବଜାର ଥାନାରେ ହତ୍ୟା, ହତ୍ୟା ଉଦ୍ୟମ, ବୋମା ବିସ୍ଫୋରଣ, ଅପରାଧିକ ଷଡ଼ଯନ୍ତ୍ର, ନିଶା କାରବାର, ଜନସାଧାରଣଙ୍କୁ ଠକିବା ଭଳି ମାମଲା ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ଅଗ୍ନିକାଣ୍ଡରେ ଆସବାବପତ୍ର ଜଳିଗଲା

ବ୍ରହ୍ମପୁର,୨୧।୬(ସମିସ): ଟାଉନ ଥାନା ଅନ୍ତର୍ଗତ ତୁଳସୀ ନଗର ୫ମ ଲେନ୍ ସ୍ଥିତ ଏକ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଫାୟାର ସର୍ଭିସ୍ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଫଳରେ ଘର ଭିତରେ ଥିବା ଫ୍ରିଜ, ଓ ଅନ୍ୟାନ୍ୟ ଆସବାବପତ୍ର ଜଳିଯାଇଥିଲା। ପ୍ରାୟ ୪୦ ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଉକ୍ତ ଘରେ ଭଡ଼ାରେ ରହୁଥିବା ବ୍ୟକ୍ତି ଜଣଙ୍କ ଘରେ ତାଲା ଦେଇ କୌଣସି କାମରେ ବାହାରକୁ ଯାଇଥିଲେ। ଆଜି ସକାଳେ ଉକ୍ତ ଘରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକ ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ଆଗ୍ନିକ ମାନେ ସେଠାରେ ପହଞ୍ଚି ବାହାର ପଟେ ପଡିଥିବା ତାଲା ଭାଙ୍ଗି ଘର ଭିତରକୁ ଯାଇ ନିଆଁକୁ ଆୟତ୍ତ ଜଣାପଡ଼ିଛି।

## କାର କିଣିବାକୁ ଆସିଥିବା ବ୍ୟକ୍ତିଙ୍କୁ ଅପହରଣ ମାମଲା, ଆଉ ଜଣେ ଗିରଫ

ବ୍ରହ୍ମପୁର, ୨୧।୬ (ସମିସ): କାର୍ କିଣିବାକୁ ଆସିଥିବା ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କୁ ବ୍ରହ୍ମପୁରରୁ ଅପହରଣ କରି ଗୋପାଳପୁର ନେଇ ଟଙ୍କା ଆଦାୟ ଘଟଣାରେ ଗୋଷାଣୀନୂଆଗାଁ ପୁଲିସ ଆଉ ଜଣେ ଅଭିଯୁକ୍ତ ଗୋପାଳପୁର ନୂଆଁ ପୋଷ୍ଟ ଅଫିସ ନିକଟରେ ରହୁଥିବା କିଶୋର କୁମାର ପାତ୍ର (୧୯)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ମାମଲାରେ ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା କଲ୍ୟାଣୀ ପ୍ଲାଜାରେ ରହୁଥିବା ମୟୂରଭଞ୍ଜ ରାସଗୋବିନ୍ଦପୁର ଥାନା ଅଞ୍ଚଳର ବନୋଜ ତରାଇ ଓ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଙ୍କୁଲି ଖଳାସାହିର ସ୍ନେହଲତା ଦାସ ଗିରଫ ହୋଇଥିଲେ। ପୁଲିସ ୩ଟି ମୋବାଇଲ ଏବଂ ଟଙ୍କା ନେଣଦେଣର ପ୍ରମାଣ ଜବତ କରିଥିଲା। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରୋକଟା ଅଞ୍ଚଳର ଆଲୋକ କୁମାର ଦାସ(୪୨) ନିଜର ତିନି ଜଣ ସାଙ୍ଗଙ୍କ ସହ ଏକ କାର୍ କିଣିବା ପାଇଁ ଗତ ୨ତାରିଖରେ ବ୍ରହ୍ମପୁର ଆସିଥିଲେ । ଆଲୋକ ଆମ୍ବପସରା ରୋଡ୍ ନିକଟରେ ଥିବା ଏକ କାର ସୋରୁମ ମାଲିକଙ୍କ ସହ କଥାବାର୍ତ୍ତା ହେଉଥିଲେ । ସେହି ସମୟରେ ହଠାତ୍ ଏକ ଧଳା ରଙ୍ଗର କାର୍ ଏବଂ ଦୁଇଟି ବାଇକ୍‌ରେ ୮ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ । କିଶୋର ,ବନୋଜ ଓ ସ୍ନେହଲତାଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଆଲୋକଙ୍କୁ ଟଣାଓଟରା କରିବା ସହ ମାଡ଼ ମାରି ଜବରଦସ୍ତି ଗାଡ଼ିରେ ବସାଇ ଅପହରଣ କରି ଗୋପାଳପୁର ବେଳାଭୂମିକୁ ନେଇ ଯାଇଥିଲେ। ସେଠାରେ ହତ୍ୟା ଉଦ୍ୟମ କରିବା ସହ ୨ ଲକ୍ଷ ୪୦ ହଜାର ଟଙ୍କା ଦାବି କରିଥିଲେ। ପରେ ଦୁର୍ବୃତ୍ତମାନେ ଆଲୋକଙ୍କୁ ଏକ ହୋଟେଲରେ ରଖିଥିଲେ। ଆଲୋକ କୌଶଳକ୍ରମେ ସେମାନଙ୍କ କବଳରୁ ଖସି ପଳାଇ ଆସିବା ପରେ ଥାନାକୁ ଯାଇ ଅଭିଯୋଗ କରିଥିଲେ । ଆଲୋକଙ୍କ ଲିଖିତ ଅଭିଯୋଗକୁ ଆଧାର କରି ଗୋଷାଣୀନୂଆଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ତୁରନ୍ତ ଟିମ୍ ଗଠନ କରି ଚଢ଼ଉ କରିବା ସହ ଉପରୋକ୍ତ ଦୁଇ ପ୍ରମୁଖ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଆଜି ଅନ୍ୟତମ ଅଭିଯୁକ୍ତ କିଶୋର ପାତ୍ରଙ୍କୁ ଗିରଫ କରିଥିବା ବେଳେ ଏହି ମାମଲା ସଂପୃକ୍ତ ଥିବା ଅନ୍ୟ ଫେରାର୍ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଜଣାପଡିଛି ।

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଯୋଗ ଦିବସ

ବ୍ରହ୍ମପୁର,୨୧।୬(ସମିସ): ସ୍ଥାନୀୟ ନୀଳକଣ୍ଠ ନଗର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଯୋଗ ଦିବସକୁ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ଉଦ୍‌ଘାଟନ କରିଥିବା ବେଳେ ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପତାଞ୍ଜଳି ଯୋଗ ଶିବିରର ଯୋଗ ଗୁରୁ ଜଗନ୍ନାଥ ପାଣୀଗ୍ରାହୀ ଯୋଗ ଦେଇଥିଲେ। ସୁସ୍ଥ ଶରୀର ସୁସ୍ଥ ମନର



ଆବାହକ ଓ ସୁସ୍ଥ ରହିବା ପାଇଁ ଯୋଗର କ'ଣ କ'ଣ ମହତ୍ୱ ରହିଛି ସେ ବିଷୟରେ ଯୋଗ ଗୁରୁ ପ୍ରାଞ୍ଜଳ ଭାବେ ବୁଝାଇବା ସହ ବିଭିନ୍ନ ଆସନ, ପ୍ରାଣାୟମ କରି ଉପସ୍ଥିତ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ଦେଖାଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ ଛାତ୍ରଛାତ୍ରୀମାନଙ୍କୁ ଯୋଗଦିବସ ଅବସରରେ ଶପଥପାଠ କରାଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପଦେଷ୍ଟା ହରିକୃଷ୍ଣ ପାଢ଼ୀ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ବିଦ୍ୟାମନ୍ଦିର ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨ୟ ଓଡ଼ିଶା ବାଳିକା ଏନ୍.ସି.ସି. ବାଟାଲିଆନ୍‌ର ପ୍ରାୟ ୩୦୦ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିବା ବେଳେ ଅଷ୍ଟମ ଶ୍ରେଣୀଠାରୁ +୨ ପର୍ଯ୍ୟନ୍ତ ମୋଟ ୧୦୦୦ ଜଣ ଛାତ୍ରଛାତ୍ରୀ ଏବଂ ସମସ୍ତ ଆଚାର୍ଯ୍ୟ-ଆଚାର୍ଯ୍ୟା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦୀର୍ଘ ଏକଘଣ୍ଟା ଯୋଗାଭ୍ୟାସ କରିଥିଲେ। ପୂର୍ବତନ ଏନ୍.ସି.ସି. ଶିକ୍ଷକ ଶାନ୍ତନୁ କୁମାର ବେହେରା, ଲେଫ୍‌ଟାନେଣ୍ଟ୍ ସ୍ମିତା ପଟ୍ଟନାୟକ, ବିଶ୍ୱେଶ୍ୱରୀ ସାହୁ ଏବଂ ସୁଦୀପ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଚାର ବିଭାଗୀୟ ତଦନ୍ତ ଓ ବିଶ୍ୱଜିତ ଗିରଫ ଦାବି କଲା ବିଜେଡି




ବ୍ରହ୍ମପୁର,୨୧।୬(ସମିସ): ଛାତ୍ରୀ ଆତ୍ମହତ୍ୟା ଘଟଣାର ବିଚାରବିଭାଗୀୟ ତଦନ୍ତ ସହ ମନ୍ତ୍ରୀଙ୍କ ପୁତୁରା ବିଶ୍ୱଜିତ୍ ଜେନାଙ୍କ ଗିରଫ ଦାବି କରିଛି ବିଜେଡି। ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଓ ବିଜେପି ବିରୋଧରେ ବିଜେଡି ଗୁରୁତର ଅଭିଯୋଗ କରିଛି। ମନ୍ତ୍ରୀଙ୍କ ସହଯୋଗୀ ଓ ସମ୍ପର୍କୀୟମାନେ କ୍ଷମତାର ଅପବ୍ୟବହାର କରି ଆଇନକୁ ହାତକୁ ନେଇ ଆତଙ୍କରାଜ ସୃଷ୍ଟି କରୁଥିବା ବିଜେଡି କହିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ କହିଛନ୍ତି ଯେ ଡବଲ ଇଂଜିନ ସରକାରରେ ମହିଳା ଅସୁରକ୍ଷିତ ଥିବା ବେଳେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଛାତ୍ରୀ ଗଣଦୁଷ୍କର୍ମ ଭଳି ଘଟଣା ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟରେ ଦଳୀୟ ନେତା ଓ କର୍ମୀଙ୍କ ଆତଙ୍କରାଜ ଏପରିକି ଆଇନଜୀବୀଙ୍କ ପରିବାର ସଦସ୍ୟଙ୍କୁ ବିଚ ରାସ୍ତାରେ ମରଣାନ୍ତକ ଆକ୍ରମଣ ଘଟଣା କାହାକୁ ଅଛପା ନାହିଁ। ସବୁ କ୍ଷେତ୍ରରେ ପୁଲିସ ଶାସକ ଦଳର ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଅପରାଧିଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବା ବିଜେଡି ଅଭିଯୋଗ କରିଛି। ଏଣୁ ବର୍ତ୍ତମାନର ଘଟଣାରେ ପୁଲିସ ତୁରନ୍ତ ବିଶ୍ୱଜିତ ଜେନାଙ୍କୁ ଗିରଫ କରି ନ୍ୟାୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି। ତେବେ ପୂର୍ବରୁ ବିଭିନ୍ନ ଘଟଣାରେ ଯେପରି ପୁଲିସ ମନ୍ତ୍ରୀଙ୍କ ସମ୍ପର୍କୀୟମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିଛି, ଏହି ଘଟଣାରେ ବି ତାଙ୍କୁ ଗିରଫ କରିବା ପରିବର୍ତ୍ତେ ଆଗୁଆ ଜାମିନ ପାଇଁ ସୁଯୋଗ ଦେଇପାରେ ବୋଲି ବିଜେଡି ଆଶଙ୍କା କରିଛି। ଏଣୁ ଘଟଣାର ନିରପେକ୍ଷ ତଥା ବିଚାରବିଭାଗୀୟ ତଦନ୍ତ ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଓ ମୃତ ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ବିଜେଡି ଦାବି କରିଛି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାସ ମହାରଣା, ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାଶ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ତପୋଇ ଦାସ, ଭାରତୀୟ ନାୟକ, ପ୍ରତାପ କୋଠିଆ, ଦଣ୍ଡପାଣି ସାହୁ, ଗୋପାଳପୁର ଏନଏସସି ଅଧ୍ୟକ୍ଷ ଏ. ଜାନକୀ ରାମ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶୋଭନ ନାୟକ, ରାଜ୍ୟ ଯୁବ ବିଜେଡି ଉପସଭାପତି ନିହାର ଶତପଥୀ, ବରିଷ୍ଠ ନେତା ଅଜୟ ମହାରଣା, ସୁରେଶ ଚନ୍ଦ୍ର ସାହୁ ଓ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଜ୍ୟୋତିରଂଜନ ସାହୁ ପ୍ରମୁଖଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।

# ବ୍ରହ୍ମପୁର ଜେଲ୍‌ରେ କଏଦୀଙ୍କ ବିବାହ ଉତ୍ସବ

ବ୍ରହ୍ମପୁର,୨୧।୬(ସମିସ): ଭାରତୀୟ ଆଇନ ଅନୁଯାୟୀ, ଜେଲରେ ଥିବା କଏଦୀମାନଙ୍କର ମୌଳିକ ଅଧିକାର (ଯେପରିକି ବିବାହ କରିବାର ଅଧିକାର) ସୁରକ୍ଷିତ ରହିଥାଏ। କଏଦୀମାନେ ସେମାନଙ୍କର ପାରୋଲ୍ କିମ୍ବା ଅସ୍ଥାୟୀ ଜାମିନ ମାଧ୍ୟମରେ ବାହାରକୁ ଆସି ଆଇନଗତ ଭାବେ ବିବାହ କରିପାରିବେ। ଏହା ବ୍ୟତୀତ ବିଶେଷ ପରିସ୍ଥିତିରେ ଜେଲ୍ କର୍ତ୍ତୃପକ୍ଷ ଏବଂ କୋର୍ଟଙ୍କ ଅନୁମତି ନେଇ ଜେଲ୍ ପରିସରରେ ମଧ୍ୟ ବିବାହ ସମ୍ଭବ ହୋଇପାରିବ। ଏଭଳି ଏକ ଘଟଣା ଘଟିଛି ବ୍ରହ୍ମପୁର ଜେଲରେ। ଆଜି ବ୍ରହ୍ମପୁର ଜେଲରେ ଜଣେ ବିଚାରାଧୀନ କଏଦୀଙ୍କ ବିବାହ ସମ୍ପନ୍ନ ହୋଇଛି। ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ସୁମନ ସେଠୀଙ୍କୁ ପିଡ଼ିତା ଜଣକ ବିବାହ କରିଛନ୍ତି। ଜେଲ ବରିଷ୍ଠ ସୁପରିଟେଣ୍ଡେଣ୍ଟ ଧୀରେନ୍ଦ୍ର ନାଥ ବାରିକ ଓ ଜେଲର ଲକ୍ଷ୍ମୀକାନ୍ତ ଧାଙ୍ଗଡ଼ା ମାଝୀ ଜେଲ ଭିତରେ କଏଦୀଙ୍କୁ ପରିବର୍ତ୍ତନ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ବର୍ଷ ସୁମନ ଦୁଷ୍କର୍ମ ମାମଲାର ଗିରଫ ହୋଇ ବ୍ରହ୍ମପୁର ଜେଲରେ ରହି ଆସୁଥିବା ବେଳେ ପିଡ଼ିତାଙ୍କ ପରିବାର ଲୋକେ ଲୋକେ ସୁମନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଥଲେ। ପରବର୍ତ୍ତୀ ସମୟରେ ପିଡ଼ିତାଙ୍କୁ ଅଭିଯୁକ୍ତ ସୁମନ ବିବାହ କରିବା ପ୍ରସ୍ତାବ ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହି ପ୍ରସ୍ତାବ ପାଇବା ପରେ ଜେଲ କର୍ତ୍ତୃପକ୍ଷ ପିଡ଼ିତାଙ୍କ ପରିବାର ଲୋକଙ୍କ ସହ ବିବାହ ପ୍ରସ୍ତାବ ନେଇ ଆଲୋଚନା କରିଥିଲେ। ଜେଲ କର୍ତ୍ତୃପକ୍ଷ ଓ ସୁମନଙ୍କ ପ୍ରସ୍ତାବରେ ପିଡ଼ିତା ରାଜି ହେବା ପରେ ଜେଲ କର୍ତ୍ତୃପକ୍ଷ ମାନ୍ୟବର କୋର୍ଟଙ୍କୁ ଜଣାଇଥିଲେ। କାରଣ ନିୟମ ରହିଛି ଜେଲ ଭିତରେ ବିବାହ କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ହେଉଛି ସମ୍ବନ୍ଧିତ କୋର୍ଟ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ଠାରୁ ଆନୁଷ୍ଠାନିକ ଅନୁମତି ଆଣିବା। କୋର୍ଟଙ୍କ ନିର୍ଦ୍ଦେଶ ପରେ ଜେଲ ସୁପରିଟେଣ୍ଡେଣ୍ଟ ଏବଂ ଜେଲ ମାନୁଆଲ୍ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରି ବିବାହ ପାଇଁ ଦିନ ଓ ସମୟ ଧାର୍ଯ୍ୟ କରି ଆଜି ସୁମନ ଓ ପିଡ଼ିତା ପିଙ୍କିଙ୍କ ବିବାହ ଉତ୍ସବ ବ୍ରହ୍ମପୁର ଜେଲରେ ଅନୁଷ୍ଠିତ ହୋଇଥିଲା। ହିନ୍ଦୁ ରୀତିନୀତି ଅନୁଯାୟୀ ଜେଲରେ ସୁମନ ଓ ପିଙ୍କିଙ୍କ ବିବାହ ଉତ୍ସବ ହୋଇଥିଲା। ଆଜି ଜେଲରେ ୯୪୮ ଜଣ ଅନ୍ତେବାସୀ ରହିଛନ୍ତି। ସେଥିମଧ୍ୟରୁ ସୁମନ ଜଣେ ବିଚାରଧୀନ କଏଦୀ ଅଟନ୍ତି। ସୂଚନାଯୋଗ୍ୟ ଯେ, ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ୨୫ ବର୍ଷୀୟା ଯୁବତୀ ବ୍ରହ୍ମପୁର ଆସ୍ଥା ହସ୍ପିଟାଲରେ ଷ୍ଟାପ ନର୍ସ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଦିଗପହଣ୍ଡି ଅଞ୍ଚଳର ସୁମନ ସେଠୀ ମଧ୍ୟ ଷ୍ଟାପ ନର୍ସ ଭାବେ କାମ କରୁଥିଲେ। ୨୦୨୫ ମସିହା ମେ ୧୭ ତାରିଖରେ ହସ୍ପିଟାଲରେ ଏକ ରୁମରେ ଯୁବତୀ ଜଣକ ଥିବା ବେଳେ ସୁମନ ହଠାତ ଉକ୍ତ ରୁମ୍ କୁ ଯାଇ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ବିବାହର ପ୍ରତିଶ୍ରୁତି ଦେଇ ଏକାଧିକ ଥର ଶାରୀରିକ ସମ୍ପର୍କ ରଖି ଦୁଇଥର ଗର୍ଭପାତ କରିଥିଲେ। ଏହାପରେ ସୁନା ଅଳଙ୍କାର ଓ ୩୦ହଜାର ଟଙ୍କା ପିଡ଼ିତାଙ୍କ ଠାରୁ ନେଇ ସୁମନ କେଉଁଆଡ଼େ ପଳାଇଯାଇ ଫୋନ ବନ୍ଦ କରି ରହିଥିଲେ । ବାରମ୍ବାର ଯୋଗାଯୋଗ ପରେ ପିଡ଼ିତା ଜଣକ ଶେଷରେ ବୈଦ୍ୟନାଥପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ସୁନା ଅଳଙ୍କାର ଓ ଟଙ୍କା ଠକେଇ କରିଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁମନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବର୍ତ୍ତମାନ ଏହି ମାମଲାଟି କୋର୍ଟରେ ବିଚାରଧିନ ରହିଛି।

### ■ ଜେଲ୍‌ରେ ବିବାହ ପାଇଁ ବିଭିନ୍ନ ନିୟମ

ବିବାହ କରୁଥିବା ଉଭୟ ପକ୍ଷ (କଏଦୀ ଏବଂ ବାହାର ସାଥୀ) ବାଲ୍ୟ ବିବାହ ଅଧିନିୟମ କିମ୍ବା ହିନ୍ଦୁ/ମୁସଲିମ ସ୍ପେଶାଲ ମ୍ୟାରେଜ୍ ଆକ୍ଟ ଅନୁସାରେ ଆଇନଗତ ଭାବେ ବିବାହ ଯୋଗ୍ୟ (ବାଳକ ଅତିକମରେ ୨୧ ବର୍ଷ ଓ ବାଳିକା ୧୮ ବର୍ଷ) ହୋଇଥିବା ଆବଶ୍ୟକ।

### ■ ବିବାହ କେମିତି ସମ୍ପନ୍ନ ହୁଏ?

ସାଧାରଣତଃ ଜେଲ ଭିତରେ ବିବାହ ଦୁଇଟି ଉପାୟରେ କରାଯାଇପାରେ:ପାରୋଲ୍ କିମ୍ବା ଫର୍ଲୋ ମାଧ୍ୟମରେ କୋର୍ଟ ଅଧିକାଂଶ ସମୟରେ କଏଦୀଙ୍କୁ ବିବାହ କରିବା ପାଇଁ କିଛି ଦିନର ସ୍ୱତନ୍ତ୍ର ପାରୋଲ୍ ମଞ୍ଜୁର କରନ୍ତି। ଏହି ସମୟରେ କଏଦୀ ଜେଲ ବାହାରକୁ ଆସି କୋର୍ଟ ମ୍ୟାରେଜ୍ କିମ୍ବା ମନ୍ଦିର/ଧାର୍ମିକ ରୀତିନୀତି ଅନୁଯାୟୀ ବାହା ହୋଇଥାନ୍ତି ଏବଂ ଅବଧି ଶେଷ ହେବା ପରେ ପୁଣି ଜେଲକୁ ଫେରନ୍ତି।

### ■ ଜେଲ ପରିସରରେ ବିବାହ

ଯଦି କଏଦୀ ଜଣକ ଅତି ଭୟଙ୍କର ଅପରାଧୀ ହୋଇଥାନ୍ତି କିମ୍ବା ତାଙ୍କୁ ବାହାରକୁ ଛାଡିବା ସୁରକ୍ଷା ଦୃଷ୍ଟିରୁ ଠିକ୍ ନଥାଏ, ତେବେ କୋର୍ଟଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ମ୍ୟାରେଜ୍ ରେଜିଷ୍ଟ୍ରାର୍ ଏବଂ ଅତି ସୀମିତ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଜେଲ କାର୍ଯ୍ୟାଳୟ ଭିତରେ ହିଁ ଆଇନଗତ ଭାବେ ବିବାହ ସମ୍ପନ୍ନ କରାଯାଏ।

# ‘ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ’

ଦିଗପହଣ୍ଡି,୨୧।୬(ସମିସ):

ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ ନିହାତି ଆବଶ୍ୟକ। ଯୋଗ ଦିବସ ଅବସରରେ ବିଭିନ୍ନ ସ୍ଥାନରେ ଆୟୋଜିତ ଯୋଗ ଦିବସରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତି ଏଭଳି ମତବ୍ୟକ୍ତ କରିଥିଲେ। ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍ଥାନୀୟ ଏନଏସି ପ୍ରଶାସନ ପକ୍ଷରୁ ଆୟୋଜିତ ଦ୍ୱାଦଶତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତହସିଲଦାର ସନ୍ତୋଷ କୁମାର ସାହୁ, ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର,ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ର ଏବଂ ବହୁ ସଂଖ୍ୟକ ଯୁବତୀ ଯୁବକ ଉପସ୍ଥିତ ରହି




ଯୋଗ ପ୍ରାଣାୟମ କରିଥିଲେ। ଏନଏସି କର୍ମଚାରୀ ବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମ ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ଆଦର୍ଶ ଯୋଗ ଶିକ୍ଷା ପୀଠ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରବିବାର ସକାଳେ ଯୋଗ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ସିଦ୍ଧେଶ୍ୱର ପଞ୍ଚାୟତ ସରପଞ୍ଚ ବିଜୟ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ପ୍ରଶିକ୍ଷକ କେଦାର ବିଷୋୟୀ ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଦ୍ଧେଶ୍ୱର, କୋଟିନଡ଼ା, ବଙ୍ଗୋପଦର ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରହର ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ଶିକ୍ଷକ, ଏବଂ ବହୁ ସଂଖ୍ୟକ ଯୁବଗୋଷ୍ଠୀ ସାମିଲ ହୋଇ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ କରିଥିଲେ। ପରେ ଭାରତୀୟ ସଂସ୍କୃତିର ଏହି ମହାନ ଓ ପ୍ରାଚୀନ ପରମ୍ପରାକୁ ଆଦରି ନେଇ ଜୀବନରେ ନିୟମିତ ଯୋଗ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ଆଦର୍ଶ ଯୋଗ ଶିକ୍ଷା ପୀଠ ରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ବୃନ୍ଦ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଦିଗପହଣ୍ଡି ମିନି ଷ୍ଟାଡିୟମରେ ଆୟୋଜିତ ଯୋଗାଭ୍ୟାସ ଶିବିରରେ ନାରାୟଣ ସାବତ ସମବେତ ବହୁ ସଂଖ୍ୟକ ବ୍ୟକ୍ତି ଙ୍କୁ ଯୋଗ ,ପ୍ରାଣାୟାମ ର ବିଭିନ୍ନ କଳା କୌଶଳ ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ।

**ଛତ୍ରପୁର :** ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ପୁଲିସ ପଡ଼ିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୨ତମ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଯୋଗ ଆମ ଶରୀର ଓ ମନକୁ ସୁସ୍ଥ ରଖିବା ସହ ମାନସିକ କୁବିଚାରକୁ ଦମନ କରିବାରେ ମଧ ସାହାଯ୍ୟ କରିଥାଏ ବୋଲି ସେ କହିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଯୋଗ କେବଳ ଶାରୀରିକ ସୁସ୍ଥତା ନୁହେଁ, ମାନସିକ ଶାନ୍ତି ଓ ରୋଗମୁକ୍ତ ଜୀବନର ମାର୍ଗ ଅଟେ। ତେଣୁ ପ୍ରତିଦିନ ଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷର ଯୋଗ ଦିବସର ଆଭିମୁଖ୍ୟ ଥିଲା ‘ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ’। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ପ୍ରତିଦିନ କିଛି ସମୟ ଯୋଗ ଓ ବ୍ୟାୟାମ କରି ଶରୀରକୁ ସୁସ୍ଥ ଓ ସୁନ୍ଦର କରି ରଖିବାକୁ ପରାମର୍ଶ ଦେଇଥିଲେ।



କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିତ ସଂଗ୍ରାମଜିତ୍ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଦିବ୍ୟ ରଞ୍ଜନ, ଜନପ୍ରତିନିଧି, ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ ଓ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯୋଗ ଅଭ୍ୟାସ ପରେ ସମସ୍ତଙ୍କୁ ପ୍ରତିଦିନ ଯୋଗ କରିବା ପାଇଁ ଶପଥ ପାଠ କରାଯାଇଥିଲା। ଯୋଗ ପ୍ରଶିକ୍ଷକ ହର ପ୍ରସାଦ ସ୍ୱାଇଁ, ପୂଜା ସ୍ୱାଇଁ, ରାମବାବୁ ଦୋରା ଓ ସୁନିତା ପାତ୍ର ସମସ୍ତଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ।

## ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ




**ଗୁମ୍ମା :** ଗୁମ୍ମା ବ୍ଲକ ପଦ୍ମପୁରସ୍ଥିତ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ତାଙ୍କର ଅଭିଭାଷଣରେ କହିଥିଲେ ଯେ ଯୋଗ କେବଳ ବ୍ୟାୟାମ ନୁହେଁ ଏହା ଶରୀର, ମନ ଓ ଆତ୍ମାର ସମନ୍ୱୟ ସ୍ଥାପନ କରିବାର ଏକ ଜୀବନଶୈଳୀ। ନିୟମିତ ଯୋଗ ଅଭ୍ୟାସ ଚାପ, ଉଦ୍‌ବେଗ ଓ ଅନେକ ଜୀବନଶୈଳୀ ଜନିତ ରୋଗକୁ ହ୍ରାସ କରିବାରେ ସହାୟକ ହୋଇଥାଏ। କ୍ରୀଡ଼ା ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ପ୍ରଥମେ ସୂର୍ଯ୍ୟ ନମସ୍କାର ସହିତ ଅନୁଲୋମ, ବିଲୋମ ଓ ଅନ୍ୟାନ୍ୟ କେତେକ ଯୋଗ ଶିଖାଇଥିଲେ। କାର୍ଯ୍ୟକ୍ରମରେ ବିନୋଦ ରଥ, ପ୍ରସାଦ ରାଓ, ସୁନୀଲ ପରିଛା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

**ଛତ୍ରପୁର:** ସ୍ଥାନୀୟ ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ଟି. ସୁରେଶ କୁମାର ଆଚାରୀ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିବା ସହ ଜୀବନରେ ଯୋଗର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଆଚାର୍ଯ୍ୟା ଡି. ସୁଶିଳା, ଆଚାର୍ଯ୍ୟ ସୁକାନ୍ତ କୁମାର ସାହୁ, ଚତୁର୍ଭୁଜ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଓ ପରିଚାଳାନା ସମିତିର ସଦସ୍ୟ ସଦସ୍ୟା ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।



**ବେଲଗୁଣ୍ଠା:** ଆଜି ବେଲଗୁଣ୍ଠା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ରବୀନ୍ଦ୍ର ନାଥ ରଥ,ସମ୍ପାଦକ ପବିତ୍ର କୁମାର ସାହୁ,ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ନାରାୟଣ ପାତ୍ର, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ସୁବୁଦ୍ଧି ଯୋଗଦେଇଥିବା ବେଳେ ବହୁ ଅଭିଭାବକ ମଧ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ବିଷୋୟୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେଏବଂ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଗୀତା ଗୁରୁମା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମସ୍ତ ଗୁରୁଜୀ, ଗୁରୁମା ଓ ଶିଶୁ ଭାଇ ଭଉଣୀ ମାନେ ଯୋଗ ଦିବସରେ ଯୋଗ ଦେଇଥିଲେ। ପରିଶେଷରେ ରାଜୀବ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବେଲଗୁଣ୍ଠା ସ୍ନାତକ ମହାବିଦ୍ୟାଳୟରେ ମଧ୍ୟ ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପିଙ୍କି ପାତ୍ର,ଯୁବ ରେଡକ୍ରସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା, ଅଧ୍ୟାପକ ସପନ କୁମାର ପ୍ରଧାନ, ଅଜୟ କୁମାର ବିଶ୍ୱାଳଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିବା ବେଳେ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।



**ଶେରଗଡ଼ :** ମାନସିକ ଓ ଶାରୀରିକ ସୁସ୍ଥତା ଲାଗି ଯୋଗର ମହତ୍ତ୍ୱ ରହିଛି। ଆଜିର ବ୍ୟସ୍ତ ବହୁଳ ଜୀବନରେ ଏକ ଶାନ୍ତ ତଥା ଚାପମୁକ୍ତ ପରିବେଶ ଖୋଜୁଥିବା ବ୍ୟକ୍ତି ବିଶେଷ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିବା ଏକାନ୍ତ ଜରୁରୀ ହୋଇ ପଡିଛି। ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବା ଲାଗି ଯୋଗ ଜରୁରୀ। ଏଥିଲାଗି ସକାଳ ହେଲେ ଦୈନନ୍ଦିନ ଜୀବନ ରେ ଆପଣାଇବା ଆବଶ୍ୟକ। ବୟସ୍କ ଙ୍କ ଠାରୁ ନେଇ ଯୁବକ ଓ ଯୁବତୀ ମାନେ ଯୋଗାଭ୍ୟାସ କରୁଛନ୍ତି। ହେଲେ ସମୟ ବଦଳିଛି, ଯୋଗ କେବଳ ମନକୁ ଓ ଶରୀର କୁ ଶାନ୍ତ କରିବା ନୁହେଁ, ଭବିଷ୍ୟତ ଗଡିବାର ଏକ ମାଧ୍ୟମ ପାଲଟିଛି, ଯାହାର ଏକ ନିଛକ ମାଧ୍ୟମ ପାଲଟିଛନ୍ତି କରୁଣାକର ବାଡତ୍ୟା ଓ ପାର୍ଥ ସାରଥୀ ସ୍ୱାଇଁ। ଏହି ଯୋଗଗୁରୁ ଙ୍କ ନିକଟରେ ବହୁ ପୁରୁଷ, ମହିଳା ଓ କମ ବୟସର ପିଲା ଯୋଗ ଶିକ୍ଷା ନେଉଛନ୍ତି।



ମାନସିକ ଅବସାଦ ରେ ଥିବା ବ୍ୟକ୍ତି ଯୋଗ ଶିକ୍ଷା କଲେ ସୁସ୍ଥ ହୋଇ ପାରିବେ। ଅସହାୟ ଓ ଆର୍ଥିକ ସ୍ତରରେ ଅନଗ୍ରସର ଲୋକଙ୍କୁ ସେ ମାଗଣାରେ ଯୋଗ ଶିକ୍ଷା ଦେଉଛନ୍ତି। ଏନେଇ ଉଭୟ ଯୋଗଗୁରୁ ପ୍ରକାଶ କରିଛନ୍ତି, ରୋଗର ଏକମାତ୍ର ଚିକିତ୍ସା ହେଉଛି ନିୟମିତ ଯୋଗ। ରାଜ୍ୟ ସରକାର ଯୋଗ କୁ କ୍ରୀଡା ରେ ସାମିଲ କରିଥିବାରୁ ସେ ଯୋଗକୁ କ୍ୟାରିୟର କରିବାକୁ ସୁଯୋଗ ରହିଥିବା ପ୍ରକାଶ କରିଥିଲେ। ଶେରଗଡ ବ୍ଲକ ପରିସରରେ ଆଜି ଯୋଗ ଦିବସ ପାଳିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ବିଡିଓ ତୃପ୍ତିମୟୀ ଜେନା, ଜିପିଓ ଜିତେନ୍ଦ୍ର କେଶରୀ ପଟ୍ଟନାୟକ, ପାନୀୟ ଜଳ ପରିମଳ ବିଭାଗର ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ, ସିଡିପିଓ ମମତାଞ୍ଜଳି ପଣ୍ଡା, ବହୁ ଅଙ୍ଗନବାଡି କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

**ଖଲ୍ଲିକୋଟ :** ଯୋଗ ହିଁ ନିରୋଗର ମୁଖ୍ୟ ଔଷଧ, ଯୋଗ ଦ୍ୱାରା ହିଁ ଏକ ସୁସ୍ଥ ସମାଜ ଗଠନ କରିବା ସମ୍ଭବ। ଏହି ମନ୍ତ୍ର ନେଇ ଆଜି ଖଲ୍ଲିକୋଟ ଅଞ୍ଚଳ ରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବ୍ଲକ ପ୍ରଶାସନ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ଯୋଗ ଦିବସ ରେ ବିଡ଼ିଓ ଦେବାଶିଷ ସାମଲ, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡ଼ଙ୍ଗାଙ୍କ ସମେତ ଶତାଧିକ ସାଧାରଣ ଜନତା ଉପସ୍ଥିତ ରହି ଯୋଗ ଶିକ୍ଷା କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବେ ଗଣେଶ୍ୱର ମୁଦୁଲି ଉପସ୍ଥିତ ରହି ଯୋଗ ଶିକ୍ଷା ଦେଇଥିଲେ। କୋର୍ଟ ପରିସରରେ ସମସ୍ତ ଓକିଲଙ୍କ ସହିତ ଜେଏମଏଫସି, ସବଜର୍ଜ, ଏଡିଜେ ଉପସ୍ଥିତ ରହି ପ୍ରଶିକ୍ଷକ ଭଗବାନ ବାରିକଙ୍କ ଠାରୁ ଯୋଗ ଶିକ୍ଷା କରିଥିଲେ। ବରିଷ୍ଠ ନାଗରିକ ମାନେ ମର୍ଦ୍ଦରାଜ ଶିଶୁ ଉଦ୍ୟାନ ରେ ଯୋଗ ଶିକ୍ଷା କରିଥିଲେ। କେଶପୁର ଡିଗ୍ରୀ କଲେଜ ରେ ମଧ୍ୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଲେଜ ର ଅଧ୍ୟକ୍ଷ ଅଶୋକ କୁମାର ପଲେଇ, ବରିଷ୍ଠ ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ମୁଖ୍ୟ ପ୍ରଶିକ୍ଷକ ଯୋଗ ଗୁରୁ ସନ୍ତୋଷ କୁମାର ଶତପଥୀଙ୍କ ଠାରୁ ଯୋଗ ଶିକ୍ଷା ଗ୍ରହଣ କରିଥିଲେ।



**ଦିଗପହଣ୍ଡି କୋର୍ଟ (ଫ-୬):** ଦିଗପହଣ୍ଡି କୋର୍ଟ କମ୍ପ୍ଲେକ୍ସ ପରିସରରେ ରବିବାର ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଜେଏମଏଫସି କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ଷଡ଼ଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ସିଭିଲ କୋର୍ଟ ସିନିୟର ଡିଭିଜନର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା ଅତିଥି ଭାବେ ଯୋଗଦେଇଥିଲେ। କୋର୍ଟର ସମସ୍ତ କର୍ମଚାରୀ ଏବଂ ବହୁ ସଂଖ୍ୟକ ଆଇନଜୀବୀ ଉପସ୍ଥିତ ରହି ଯୋଗ ଓ ପ୍ରାଣାୟାମ କରିଥିଲେ। ଭାରତୀୟ ଯୋଗ ଦର୍ଶନ ଏବଂ ଯୋଗର ଉପଯୋଗିତା ବିଷୟରେ ମାଜିଷ୍ଟ୍ରେଟ ଆଲୋକପାତ କରିଥିଲେ। ଖେମୁଣ୍ଡି ଓକିଲ ସଂଘ ର ବରିଷ୍ଠ ସଦସ୍ୟ ରତ୍ନାକର ମେକାପ, ପୁଲିସ କର୍ମଚାରୀ ପ୍ରଭାକର ସାହୁ, ବିଭିନ୍ନ ଯୋଗ କୌଶଳ, ପ୍ରାଣାୟାମ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କୋର୍ଟ କର୍ମଚାରୀ ପ୍ରଦୀପ ଶତପଥି, ସସ୍ମିତା ମହାରଣା, ଅଞ୍ଜଳି ମହାରଣା, ସଂଗ୍ରାମ କେଶରୀ ପଣ୍ଡା, ପ୍ରଦୀପ ପୁରୋହିତ, ପିଲଟୁ ହେମ୍ବ୍ରମ, ରୁଦ୍ର ପ୍ରସାଦ ତାଣ୍ଡିଆ,ପପୁନ ମହାରଣା,ଆକାଶ କୁମାର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପାତ୍ର,କେ. ନକିଆ,ନିରଞ୍ଜନ ଶବର, କାଳିଆ ନାୟକ, ବିକ୍ରମ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ।



**କବିସୂର୍ଯ୍ୟନଗର (ଫ-୭):** କବିସୂର୍ଯ୍ୟନଗର ସ୍ଥିତ ବ୍ରହ୍ମାକୁମାରୀସ ପ୍ରଭୁପ୍ରୀତ ଭବନରେ ଏକକାଳୀନ ଦ୍ୱିତୀୟ ବାର୍ଷିକ ଉତ୍ସବ, ଜଗଦମ୍ବା ସାରସ୍ୱତୀଙ୍କ ୬୧ ତମ ପୁଣ୍ୟ ସ୍ମୃତି ଦିବସ ଏବଂ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରାତଃ ୬ଟାରୁ ଏହି ଅଞ୍ଚଳର ଖ୍ୟାତନାମା ଯୋଗଗୁରୁ ବିଜୟ କୁମାର ସାହୁ ଅଷ୍ଟାଙ୍ଗ ଯୋଗ ଏବଂ ପ୍ରାଣାୟାମ ଆଦି ଅଭ୍ୟାସ କରାଇଥିଲେ। ଦିବା ୧୨ ଘଟିକାରେ ଜଗଦମ୍ବା ସାରସ୍ୱତୀଙ୍କର ୬୧ତମ ପୁଣ୍ୟ ସ୍ମୃତି ଦିବସ ଏବଂ ପ୍ରଭୁପ୍ରୀତ ଭବନର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। କବିସୂର୍ଯ୍ୟନଗର ଦିବ୍ୟ ଜୀବନ ସଂଘର ନିର୍ଦ୍ଦେଶକ ଗୌରୀ ନାରାୟଣ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ଗୁରୁ ଏକ, ଧର୍ମ ଏକ ଏବଂ ଭଗବାନ ଏକ। ଭଗବାନ କୌଣସି ବ୍ୟକ୍ତି ନୁହନ୍ତି ସେ ଏକ ଶକ୍ତି ଅଟନ୍ତି। ଧର୍ମ ଆଚରଣ ସିଦ୍ଧ ଅଟେ ଯାହା ଏହି ବ୍ରହ୍ମାକୁମାରୀ ଭାଇ ଓ ଭଉଣୀମାନଙ୍କ ଠାରେ ଦେଖିବାକୁ ମିଳିଥାଏ। ଅନ୍ୟ ଅତିଥିମାନେ ସମାଜସେବି ଡଃ ଶମ୍ଭୁଲିଙ୍ଗମ ଆଚାରୀ, ରାମେଶ୍ୱର ପାତ୍ର, କେ. ସୁରେଶ ପାତ୍ର ଆଦି ଜଗଦମ୍ବାଙ୍କ ଫଟୋରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରାଜଯୋଗିନୀ ପ୍ରଭାତୀ ଦିଦିଜୀ ମୁଖ୍ୟବକ୍ତା ଭାବେ ମାତେଶ୍ୱରୀ ଜଗଦମ୍ବାଙ୍କ ଜୀବନୀକୁ ପରିଚିତ୍ରଣ କରିଥିଲେ। ଏହି ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ସୁଜ୍ଞାନୀ ଭଉଣୀ ସମସ୍ତଙ୍କୁ ସହଜ ରାଜଯୋଗ ଅଭ୍ୟାସ କରାଇଥିଲେ। ବ୍ରହ୍ମାକୁମାରୀ ନିରୁପ୍ରଭା ସମସ୍ତ ଅତିଥି ଏବଂ ବ୍ରହ୍ମାବସ୍ଥ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରହ୍ମାକୁମାରୀ ଅନୁ, ଧରଣୀ, ଦିବ୍ୟାନି, ଜ୍ୟୋତି, ଭାଗ୍ୟ ଆଦି ଏବଂ ବ୍ରହ୍ମାକୁମାର ଚରଣ, ନାଗେଶ୍ୱର, ପ୍ରଦୀପ, ବଳରାମ ଆଦି ସହଯୋଗ କରିଥିଲେ।



**ଛତ୍ରପୁର:** ଭାରତୀୟ ଯୋଗ ସଂସ୍ଥାନ, ଏହି ଉପଲକ୍ଷେ ନୂଆଦିଲ୍ଲୀ ଛତ୍ରପୁର ଶାଖା ପକ୍ଷରୁ ସ୍ଥାନୀୟ ଷ୍ଟାଡିଅମ ପରିସରସ୍ଥ ଯୋଗ ଶାଳା ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ପୌରପରିଷଦର ଉପାଧ୍ୟକ୍ଷ ଜି. ପାପା ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂସ୍ଥାନର କ୍ଷେତ୍ର ପ୍ରଧାନ ଦେବରାଜ ବେହେରା, କ୍ଷେତ୍ର ମନ୍ତ୍ରୀ ଭବାନୀ କାନ୍ତ ପଟ୍ଟନାୟକ ଓ କ୍ଷେତ୍ର ପରିଚାଳକ ରଜାକ୍ ହୋସେନ ପ୍ରମୁଖ ପରିଚାଳନା କରିଥିଲେ। ଶତାଧିକ ଯୋଗ ସାଧକ ଓ ସାଧିକା ଏଥିରେ ସାମିଲ ହୋଇ ସମୂହ ଯୋଗାଭ୍ୟାସ କରିଥିଲେ। ଯୋଗ ଓ ପ୍ରାଣାୟାମ ଆଦି ଶେଖ ରାଜାକ ହସେନ ଓ ଦେବରାଜ ବେହେରାଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ସଂସ୍ଥାନର ଉପଦେଷ୍ଟା ଶ୍ରୀ ବିଶ୍ୱମ୍ବର ରଥ ଏହି କାର୍ଯ୍ୟକ୍ରମକୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ସଂସ୍ଥାନର ସଦସ୍ୟ ସର୍ବଶ୍ରୀ ଭଗବାନ ବେହେରା, ପିତାମ୍ବର ପଣ୍ଡା, ପ୍ରଦୀପ କୁମାର ପାତ୍ର, ଅସିତ କୁମାର ପଟ୍ଟନାୟକ, ବିଜୟ ପାତ୍ର, ତୁଷାର କାନ୍ତି, ପି ଆଦିୟା ରେଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଶେଷରେ ବିଶ୍ୱମ୍ବର ରଥଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ରବୀନ୍ଦ୍ର ଦାଶ ଓ ଭବାନୀ କାନ୍ତ ପଟ୍ଟନାୟକଙ୍କ ଦ୍ୱାରା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



**ଛତ୍ରପୁର:** ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସୃଜନ ସାହିତ୍ୟ ସଂସ୍କୃତି ସଂସଦ, ଛତ୍ରପୁର ଆନୁକୂଲ୍ୟରେ ସଂସଦର ସଭାପତି କବି ଡ଼. ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମାସିକ ସାହିତ୍ୟ ଆସର ଏବଂ ସମୂହ ଯୋଗର ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବି, ଲେଖକ ଓ ସାହିତ୍ୟପ୍ରେମୀ ଏକତ୍ରିତ ହୋଇ ପ୍ରଥମେ ସମୂହ ଯୋଗ ଅଭ୍ୟାସ କରିଥିଲେ। ଯୋଗର ଶାନ୍ତିପୂର୍ଣ୍ଣ ବାତାବରଣ ପରେ ପ୍ରତିଭାବାନ ସାରସ୍ୱତ ସାଧକମାନେ ନିଜ ନିଜର ସ୍ୱରଚିତ କବିତା ପାଠ କରି ସଭାସ୍ଥଳକୁ ସାହିତ୍ୟର ସୁଗନ୍ଧରେ ସୁବାସିତ କରିଦେଇଥିଲେ। ଗୋଟିଏ ପଟେ ଶରୀର ଓ ମନକୁ ସୁସ୍ଥ ରଖିବାର ସଂକଳ୍ପ ଏବଂ ଅନ୍ୟପଟେ ଶବ୍ଦର ଝଙ୍କାର, ଉପସ୍ଥିତ ଶ୍ରୋତାମାନଙ୍କୁ ଭାବବିହ୍ୱଳ କରିଥିଲା। ଏହି ସାରସ୍ୱତ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୋମନାଥ ସାହୁ, ସନ୍ତୋଷ କୁମାର ବାଡ଼ତ୍ୟା, ବିଶ୍ୱମ୍ବର ରଥ, ଚିତ୍ତରଞ୍ଜନ ପଣ୍ଡା, ଶୈଳବାଳା ପାଣିଗ୍ରାହୀ, ପ୍ରଣତି ପଢ଼ାଳ, ବିନୋଦିନୀ ନାୟକ, ଅଶ୍ୱିନୀ କୁମାର ଚୌଧୁରୀ, ଯତିରାଜ ନାୟକ, ଟଙ୍କଧର ଛାଟୋଇ, ଏ. ବିଶ୍ୱମ୍ବର, ଉମାକାନ୍ତ ବେହେରା, ସୁରେନ୍ଦ୍ର ସେନାପତି, ବଳରାମ ପଲାଇ, ରାମଚନ୍ଦ୍ର ନନ୍ଦ, ତ୍ରିନାଥ ବେହେରା ପ୍ରମୁଖ ଯୋଗଦେଇ ନିଜର ଉଚ୍ଚକୋଟୀର କବିତା ପାଠ କରି ଆସରର ଶୋଭା ବଢ଼ାଇଥିଲେ। ପ୍ରଣତି ପଢ଼ାଳ ସଂଯୋଜନା କରିଥିଲେ। ସନ୍ତୋଷ କୁମାର ବଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୪୮ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଶେରଗଡ଼,୨୧।୬(ସମିସ):

ଶେରଗଡ଼ ବ୍ଲକ୍ ଧନନ୍ତର ପଞ୍ଚାୟତ ସୁନାନ୍ତର ଗ୍ରାମରେ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ଆସିକା ଅଞ୍ଚଳ ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆସିକା ଆଞ୍ଚଳିକ ପରିଷଦର ସଭାପତି ନବକୃଷ୍ଣ ବିଷୋୟୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର କେନ୍ଦ୍ର ପରିଷଦ ସଭାପତି ସନ୍ତୋଷ କୁମାର ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ନିରଞ୍ଜନ ଜେନା (କାଳିଆ), ବିଶିଷ୍ଟ ଅତିଥି ଭାବେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମିଶ୍ର ଯୋଗ ଦେଇଥିଲେ। ଏଥିସହ ମଞ୍ଚରେ ସମାଜର ସମ୍ପାଦକ ନୀଳାଞ୍ଚଳ ପୋଲାଇ, ମୁଖ୍ୟ ସଙ୍ଗଠକ ସତ୍ୟ ନାରାୟଣ ସ୍ୱାଇଁ, କଇଣ୍ଡି ଅଞ୍ଚଳ ସଭାପତି ଜଗବନ୍ଧୁ ଜେନା, ବେତାର ସିଂ ଅଞ୍ଚଳ ସଭାପତି ଗୌର ଚରଣ ପ୍ରଧାନ, ବେତାର ସିଂ ଅଞ୍ଚଳ ଉପସଭାପତି ଗଙ୍ଗାଧର ବିଷୋୟୀ, ବେତାର ସିଂ ଅଞ୍ଚଳ ସମ୍ପାଦକ ଅମ୍ବିକା ପ୍ରସାଦ ବିଷୋୟୀ, ଖେମୁଣ୍ଡି ଅଞ୍ଚଳ ସଭାପତି ରାମନାଥ ବିଷୋୟୀ, ଆସିକା ଅଞ୍ଚଳ ସମ୍ପାଦକ ଯୋଗେନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସନ୍ତୋଷ କୁମାର ଜେନା କହିଥିଲେ ଯେ, ଆମ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ଇତିହାସ କେବଳ ସଂଘର୍ଷର ଇତିହାସ ନୁହେଁ, ବରଂ ଏହା ବୀରତ୍ୱ, ସ୍ୱାଭିମାନ, କୃଷି ଓ ଓଡ଼ିଶାର ମାଟି ମାତୃକାର ସେବା ସହ ଜଡିତ ଏକ ଗୌରବମୟ ଅଧ୍ୟାୟ। ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ଦେଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ସମାଜର ପ୍ରଥମ କର୍ତ୍ତବ୍ୟ ବୋଲି ପ୍ରକାଶ କରିଥିଲେ।

ଆସିକା ଅଞ୍ଚଳ ପରିଷଦର ବିଭିନ୍ନ ଅଞ୍ଚଳରୁ ସମାଜ ୨ ଶହରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିବା ବେଳେ ପ୍ରଥମେ ସମାଜ ତରଫରୁ ଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ପରେ ମେଧାବୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଦଶମ ଶ୍ରେଣୀରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୯୨ ଜଣ ଏବଂ ଉଚ୍ଚ ମାଧ୍ୟମିକରେ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୪୮ ଜଣଙ୍କୁ ମିଶାଇ ମୋଟ ୧୫୧ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁନାନ୍ତର ଗ୍ରାମର ସଭ୍ୟ ମକରା ସ୍ୱାଇଁ, ଜଟିଆ ପୋଲାଇ, ତାରିଣୀ ସ୍ୱାଇଁ ଏବଂ ଶେରଗଡ଼ ବ୍ଲକ୍ ମିଳିତ ଶିକ୍ଷକ ସଂଘର ସଭାପତି ଇନ୍ଦ୍ରମଣି ସ୍ୱାଇଁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଶେଷରେ ଆସିକା ଆଞ୍ଚଳିକ ପରିଷଦର ସମ୍ପାଦକ ଯୋଗେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

